# ୨୫.୨ ନିୟୁତ ଟନ୍‌କୁ ବଢ଼ିବ ବାର୍ଷିକ କ୍ଷମତା



- ■ଜେଏସ୍‌ପିର ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ଜନଶୁଣାଣି
- ■ପ୍ରସ୍ତାବିତ ପ୍ରକଳ୍ପକୁ ସମର୍ଥନ ଜଣାଇଲେ ଗ୍ରାମବାସୀ
- ■ଅନୁଗୋଳରେ ଉଭା ହେବ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା

**ଅନୁଗୋଳ ଅଫିସ, ୨୮ା୯**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର (ଜେସ୍‌ପି) ପକ୍ଷରୁ ପ୍ରସ୍ତାବିତ ୧୯.୨ ଏମ୍‌ଟିପିଏ ଇସ୍ପାତ କାରଖାନା ପାଇଁ ପରିବେଶଗତ ମଞ୍ଜୁରୀ ସମ୍ପର୍କିତ ଜନଶୁଣାଣି ଶିବିର ବୁଧବାର ଅନୁଗୋଳସ୍ଥିତ ସଭାଘରଠାରେ ଶେଷ ହୋଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପ୍ରସ୍ତାବିତ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ଅଂଶଗ୍ରହଣ କରି ଏହାକୁ ସମର୍ଥନ ଜଣାଇଥିଲେ। ଏଥିସହ ଅଞ୍ଚଳର ଉନ୍ନୟନ ସମ୍ପର୍କିତ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ କମ୍ପାନୀର ବାର୍ଷିକ ଉତ୍ପାଦନ କ୍ଷମତା ୨୫.୨ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ଅନୁଗୋଳରେ ବିଶ୍ୱର ସର୍ବବୃହତ କାରଖାନା ଭାବେ ଜେଏସ୍‌ପି ଉଭା ହେବ ବୋଲି ସୂଚନା ଦିଆଯାଇଥିଲା।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକଙ୍କ ସଞ୍ଚାଳନରେ ଆୟୋଜିତ ଏହି ଜନଶୁଣାଣି ଶିବିର ପ୍ରାରମ୍ଭରେ ଜେଏସ୍‌ପିର ପରିବେଶ ବିଭାଗ ମୁଖ୍ୟ ଆଲୋକ ସାହୁ ପ୍ରକଳ୍ପରେ ପରିବେଶ ସୁରକ୍ଷା ପାଇଁ ପ୍ରସ୍ତାବିତ ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସବିଶେଷ ସୂଚନା ଦେଇଥିଲେ। ଏହି ପ୍ରକଳ୍ପରେ କମ୍ପାନୀ ପକ୍ଷରୁ ଅନୁଗୋଳରେ ୧,୧୯,୯୫୨ କୋଟିର ପୁଞ୍ଜିନିବେଶ କରାଯିବ। ଏହାଦ୍ୱାରା ୯,୪୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିରେ ସ୍ଥାନୀୟ, ବାହାରର ଅର୍ଦ୍ଧକୁଶଳୀ ଏବଂ କୁଶଳୀ କର୍ମଚାରୀ ଉପକୃତ ହେବେ। ପରୋକ୍ଷରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରକଳ୍ପର ପ୍ରାୟ ଏକ ତୃତୀୟାଂଶ ଅଞ୍ଚଳରେ ୭.୭ ଲକ୍ଷ ଚାରା ରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି କରାଯିବ। କାରଖାନାଟି ଜିରୋ ଲିକ୍ୱିଡ୍ ଡିସଚାର୍ଜ ଜ୍ଞାନକୌଶଳରେ ନିର୍ମାଣ କରାଯିବ। ଫଳରେ କାରଖାନାରୁ ନିର୍ଗତ ସମସ୍ତ ଜଳ ପୁନଃ ପ୍ରକ୍ରିୟାକରଣ କରାଯାଇପାରିବ। ଏହାର ନିୟମିତ ମନିଟରିଂ କରାଯିବ ବୋଲି ସୂଚନା ଦିଆଯାଇଛି। ଉପସ୍ଥିତ ଗ୍ରାମବାସୀ ଏହି ପ୍ରକଳ୍ପକୁ ସ୍ୱାଗତ କରିବା ସହିତ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମରେ ସ୍ଥାନୀୟ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଦାବି ଜଣାଇଥିଲେ।

ପ୍ରକଳ୍ପ ଅଞ୍ଚଳରେ ଏକ ମଲ୍ଟି ସ୍ପେଶାଲିଟି ଡାକ୍ତରଖାନା କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ଜମି ଚିହ୍ନଟ ହୋଇସାରିଛି। କେବଳ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି ବୋଲି ଜେଏସ୍‌ପି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ଲୋକଙ୍କ ଦାବିକୁ ଅଗ୍ରାଧିକାର ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ଆଶ୍ୱସନା ଦିଆଯାଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭାନେତ୍ରୀ ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ଉପଜିଲାପାଳ ବଇତୁରା ଦୀପ, ଆସିଷ୍ଟାଣ୍ଟ କଲେକ୍ଟର ଇଶାନୀ ପଣ୍ଡା, ବଣ୍ଟାପାଳ ତହସିଲଦାର ଜିତେନ୍ଦ୍ର ସାହୁ, କମ୍ପାନୀର ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ଭାଇସ ପ୍ରେସିଡେଣ୍ଟ ସୁରେଶ କୁମାର ଶର୍ମା, ଆଶିଷ ପାଣ୍ଡେ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ବଣ୍ଟାପାଳ ବିଡିଓ ଏଲିଜା ମିଶ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପେଲେଟ ପ୍ଲାଣ୍ଟ କ୍ଷମତା ୨୬ ମିଲିୟନ ଟନ୍‌କୁ ବଢ଼ିବ

ଅନୁଗୋଳ ଜିଲା ବଣ୍ଟାପାଳ ଓ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ବସୁଦେବପୁର, ପାନପୁର, କଲିଆକଟା ଜଙ୍ଗଲ, ରାମଡିହ, କଲିଆକଟା, ସାନକେରଜଙ୍ଗ, ସାନକେରଜଙ୍ଗ ଜଙ୍ଗଲ, ବଡ଼କେରଜଙ୍ଗ, ବଡକେରଜଙ୍ଗ ଜଙ୍ଗଲ, ଜାମୁଣ୍ଡା, ଜାମୁଣ୍ଡା ଜଙ୍ଗଲ, ପାରିପଡ଼ା, ଏବଂ ଜରଡ଼ା ଗ୍ରାମରେ ଏହି ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ପେଲେଟ ପ୍ଲାଣ୍ଟର କ୍ଷମତା ବାର୍ଷିକ ୫ ମିଲିୟନ ଟନ୍‌ରୁ ୨୬ ମିଲିୟନ ଟନ୍ ଏବଂ ହଟ୍ ରୋଲିଙ୍ଗ ମିଲ୍ ବାର୍ଷିକ ୩.୧ ମିଲିୟନ ଟନ୍‌ରୁ ୨୧.୧ ମିଲିୟନ ଟନ୍‌କୁ ସମ୍ପ୍ରସାରଣ କରାଯିବ। ଏଥିସହିତ ବାର୍ଷିକ ୧୯.୨ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରାଯିବ। ଏହି ପ୍ରସ୍ତାବିତ କାରଖାନାରେ ୫.୪ ଏମ୍‌ଟିପିଏ ଡିଆରଆଇ ପ୍ଲାଣ୍ଟ, ୧୧.୫ ଏମଟିପିଏ ସିଣ୍ଟର ପ୍ଲାଣ୍ଟ, ୫.୧୭ ଏମଟିପିଏ କୋକ୍ ଓଭନ, ୧୪.୦ ଏମଟିପିଏ ବ୍ଲାଷ୍ଟ ଫର୍ନେସ, ୬ ଏମଟିପିଏ ଇଏଏଫ, ୧୩.୨ ଏମଟିପିଏ ବିଓଏଫ, ୧.୨ ଏମଟିପିଏ ୱେୟାର ରଡ୍ ମିଲ୍, ୭.୫ ଏମଟିପିଏ ସିଆରଏମ, ୭୨୦୦ ଟିପିଡି କାଲ୍ସିନେସନ ପ୍ଲାଣ୍ଟ, ୧୧୦୦୦ ଟିପିଡି ଅମ୍ଳଜାନ କାରଖାନା, ୫୫୦ ମେଗାୱାଟ୍ ତାପଜ ବିଦ୍ୟୁତ୍ କେନ୍ଦ୍ର, ୦.୩୭୬ ଏମଟିପିଏ ଫେରୋଆଲଏଜ ପ୍ଲାଣ୍ଟ ଏବଂ ୧.୫ ଏମ୍‌ଟିପିଏ ସିମେଣ୍ଟ କାରଖାନା ରହିଛି ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ହୋଣ୍ଡା ଡିଓ ସ୍ପୋର୍ଟ୍ସ ଏଡିଶନର ବଜାର ପ୍ରବେଶ



**ଅନୁଗୋଳ ଅଫିସ,୨୮ା୯**

ଅନୁଗୋଳ ହୋଣ୍ଡା ମୋଟରସାଇକେଲ ଏବଂ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡାରେ ବହୁ ପ୍ରତୀକ୍ଷିତ ହୋଣ୍ଡା ଡିଓ ସ୍ପୋର୍ଟ୍ସ ଏଡିସନର ବଜାର ପ୍ରବେଶ କରାଯାଇଛି। ଡିଓ ସ୍ପୋର୍ଟ୍ସ ଏଡିସନ ଆକର୍ଷଣୀୟ ସ୍କୁଟର ସହିତ ଉନ୍ନତ ମାଇଲେଜ ଏବଂ ଶକ୍ତି ଦେଇଥାଏ। ଏହା ସ୍ପୋର୍ଟ୍ସ ରେଡ୍ ଏବଂ ଷ୍ଟ୍ରୋନିୟମ ସିଲଭର ମେଟାଲିକ୍ କଲରରେ ଉପଲବ୍ଧ। ଇଏସ୍‌ପି ଟେକ୍ନୋଲୋଜି, ସାଇଲେଣ୍ଟ ଷ୍ଟାଟ ଉଇଥ ଏସିଜି, ସାଇଡ୍ ଷ୍ଟାଣ୍ଡ ଇଞ୍ଜିନ କଟ୍‌ଅଫ, ଡିସି ହେଡଲାଇଟ୍, ଇଞ୍ଜିନ ଷ୍ଟାଟ ଏବଂ ଷ୍ଟପ୍ ସୁଇଚ୍, ପାସିଂ ସୁଇଚ୍, ଗୁଡ୍ କ୍ଲିଅରାନ୍ସ, ସିବିଏସ ବ୍ରେକିଂ ସିଷ୍ଟମ ନୂତନ ମିଟର ଡିଜାଇନ୍ ପରି ଅତ୍ୟାଧୁନିକ ଗୁଣବତ୍ତାର ଭରପୂର। ଏହାର ଏକ୍ସ ଶୋ ରୁମ୍ ମୂଲ୍ୟ ୭୩,୯୩୩ରୁ ଆରମ୍ଭ। ଡିଓ ସ୍ପୋର୍ଟ୍ସ ଏଡିସନ ପାଇଁ ସ୍ୱତନ୍ତ୍ର ଏକ୍ସଚେଞ୍ଜ ଏବଂ ଫାଇନାନ୍ସ ବ୍ୟବସ୍ଥା କରାଯାଇଛି। ଗ୍ରାହକମାନେ ୧୧୦୦ ଟଙ୍କା ଡାଉନ୍ ପେମେଣ୍ଟ ଦେଇ ଗାଡ଼ି ନେଇପାରିବେ। ଏହା ସାଙ୍ଗକୁ ଫ୍ରି ହେଲ୍‌ମେଟ୍ ଏବଂ ପୂଜାର ଅଫର ବାବଦରେ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ନିଶ୍ଚିତ ଉପହାର ମଧ୍ୟରେ ଥାଇଲାଣ୍ଡ ଟ୍ରିପ୍, ସ୍ମାର୍ଟ ଟିଭି, ସ୍ମାର୍ଟ ୱାଚ୍, ବ୍ଲାକ ପ୍ୟାକ୍, ଡିନର ସେଟ୍, ସିଲଭର କଏନ ଆଦି ରହିଛି। ଗାଡ଼ି ବୁକିଂ ସମୟରେ ଏହାର ସୁବିଧା ଗ୍ରାହକ ପାଇପାରିବେ ବୋଲି ଲକ୍ଷ୍ମୀହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ୍ କହିଛନ୍ତି। ଏବେ ଲକ୍ଷ୍ମୀ ହୋଣ୍ଡାରେ ସବୁ ମଡେଲ ଏବଂ ସବୁ ରଙ୍ଗର ଗାଡ଼ି ମହଜୁତ ଅଛି। ଭବିଷ୍ୟତରେ ଆହୁରି ଅତ୍ୟାଧୁନିକ ଗାଡ଼ି ସହିତ ଉତ୍ତମ ସେବା ଯୋଗାଇ ଦେବା ଆମର ପ୍ରଥମ ଲକ୍ଷ୍ୟ ବୋଲି ବିକ୍ରମ କହିଛନ୍ତି।

## କ୍ୟାମେରା ସ୍କାନରରେ ରହିବ ଅନୁଗୋଳ



**ଅନୁଗୋଳ ଅଫିସ, ୨୮ା୯**

ଏଣିକି ସହରରେ ଆଉ ଅଳିଆ ପଡ଼ିବ ନାହିଁ କି ଟ୍ରାଫିକ୍ ସମସ୍ୟାରେ ଲୋକମାନେ ଦହଗଞ୍ଜ ହେବେ ନାହିଁ। ସେହିଭଳି ଅପରାଧୀମାନେ ମଧ୍ୟ ଅପରାଧ ଘଟାଇବାକୁ ଭୟ କରିବେ। ଏ ନେଇ ଅନୁଗୋଳ ପୌରପାଳିକା ପକ୍ଷରୁ ସିସିଟିଭି ସର୍ଭିଲାନ୍ସ ବ୍ୟବସ୍ଥା କରାଯାଉଛି। ଇତିମଧ୍ୟରେ ଅନୁଗୋଳର ହେଲଥ୍ କରିଡରରେ ପାଖାପାଖି ୩୦ଟି କ୍ୟାମେରା ଖଞ୍ଜା ସରିଲାଣି। ସହରର ବିଭିନ୍ନ ସ୍ଥାନରେ ଏଭଳି ୧୦୦ରୁ ଊର୍ଦ୍ଧ୍ୱ କ୍ୟାମେରା ଲଗାଯିବହେବ ବୋଲି ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

ଅନୁଗୋଳ ସହରରେ ବିଭିନ୍ନ ସମୟରେ ଅପରାଧିକ କାର୍ଯ୍ୟକଳାପଠାରୁ ଆରମ୍ଭ କରି ଗାଡ଼ିମୋଟର ଜାମ ହେଉଥିଲା। ଏଥିସହ ବ୍ୟବସାୟୀ ପ୍ରତିଷ୍ଠାନଗୁଡ଼ିକ ମନ ଇଚ୍ଛା ଅଳିଆ ଆବର୍ଜନା ରାସ୍ତାରେ ଫିଙ୍ଗିଦେଇ ଚାଲିଯାଉଥିଲେ। ସହରରେ ବିଭିନ୍ନ ନିର୍ମାଣ ସମୟରେ ମଧ୍ୟ ଲୋକମାନେ ମନଇଚ୍ଛା ବିଭିନ୍ନ ସାମଗ୍ରୀ ରାସ୍ତାରେ ପକାଇ ଦେଉଥିଲେ। ଫଳରେ ଜନସାଧାରଣ ଯାତାୟାତରେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଥିଲେ। ଏସବୁକୁ ଦୃଷ୍ଟିରେ ରଖି ସହରରେ ସିସିଟିଭି ସର୍ଭିଲାନ୍ସ ବ୍ୟବସ୍ଥା କରାଯାଇଛି। ଏହା ପ୍ରାଥମିକ ପର୍ଯ୍ୟାୟକ୍ରମେ ଅନୁଗୋଳର ହେଲଥ୍ କରିଡର ଅଞ୍ଚଳରେ କାର୍ଯ୍ୟକାରୀ ହୋଇଛି। ଏହାପରେ ବ୍ୟବସାୟିକ ଅନୁଷ୍ଠାନ ଅଞ୍ଚଳରେ ସିସିଟିଭି ଖଞ୍ଜା ହେବ। ପରେ ସହରର ବିଭିନ୍ନ ସ୍ଥାନରେ ଏହାକୁ ଲଗାଯିବ। ଏହି ସିସିଟିଭି ସର୍ଭିଲାନ୍ସର କଣ୍ଟ୍ରୋଲ ରୁମ୍ ଅନୁଗୋଳ ପୌର କାର୍ଯ୍ୟାଳୟରେ ରହିବ। ସହରର କେଉଁ ଅଞ୍ଚଳରେ କ'ଣ କରାଯାଉଛି ଏବଂ କେଉଁଠାରେ କ'ଣ ସମସ୍ୟା ରହିଛି ତାହା ସିଧାସଳଖ ଭାବେ ପୌର କାର୍ଯ୍ୟାଳୟରେ ଜଣାପଡ଼ିବ। ଏଭଳି କି ସହରକୁ ଆବର୍ଜନା କଲେ ଘରୋଇ ଲୋକ କିମ୍ବା ବ୍ୟବସାୟିକ ଅନୁଷ୍ଠାନକୁ ଜରିମାନା ପାଇଁ ନୋଟିସ୍ ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।



# ଘରୋଇ ଜମିରେ ଶିକ୍ଷାନୁଷ୍ଠାନ

ଢେଙ୍କାନାଳ ଅଫିସ, ୨୮।୯

ଏକ ଘରୋଇ ଜମିରେ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରାବାସ ନିର୍ମାଣ କରିବା ଢେଙ୍କାନାଳ ଜିଲା ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ବିଭାଗର ଅଡୁଆ ବଢ଼ାଇଛି। ଉକ୍ତ ନିର୍ମାଣକୁ ଅବୈଧ ଦର୍ଶାଇ ହାଇକୋର୍ଟ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଧିକାରୀମାନେ ଉଚ୍ଛେଦ କାର୍ଯ୍ୟ କରିବାକୁ ଯାଇଥିବାବେଳେ ଲୋକଙ୍କ ବିରୋଧର ଶିକାର ହୋଇଛନ୍ତି। ଢେଙ୍କାନାଳ ପୌରାଞ୍ଚଳ ୧୦ନଂ. ୱାର୍ଡ ଖମାରସାହିରେ ବୁଧବାର ଘଟିଥିବା ଏହି ଘଟଣା ଏସ୍‌ସି/ଏସ୍‌ଟି ବିଭାଗର ଦୂରଦୃଷ୍ଟି ଅଭାବକୁ ପଦାରେ ପକାଇଛି।

ସୂଚନାଯୋଗ୍ୟ, ୧୯୫୯ ମେ' ୧ରେ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ୮୩ ଡେସିମିଲ ଜାଗାରେ ଖମାରସାହି ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ୨୦୨୦ ଫେବୃୟାରୀ ୫ରେ ଶିକ୍ଷାନୁଷ୍ଠାନ ପରିସରରେ ନୂତନ ଗୃହ ଓ ଛାତ୍ରାବାସ ଉଦ୍‌ଘାଟିତ ହୋଇଥିଲା। ଉକ୍ତ ଦୁଇମହଲା ବିଶିଷ୍ଟ କୋଠାରେ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏବେ ସେଠାରେ ସ୍ଥାନୀୟ ଅଞ୍ଚଳର ୫୬ ଏବଂ ଢେଙ୍କାନାଳ, ଅନୁଗୋଳ, ମୟୂରଭଞ୍ଜ, କେନ୍ଦୁଝର ସମେତ ଅନ୍ୟ ଜିଲାର ୧୦୦ ଛାତ୍ର ରହି ପଢୁଛନ୍ତି। ତେବେ ଉକ୍ତ ଅଞ୍ଚଳରେ ମହାବୀର ବଜାର ନିବାସୀ



ଅଞ୍ଚଳବାସୀଙ୍କ ପ୍ରତିବାଦ।



ଖମାରସାହି ଆଶ୍ରମ ବିଦ୍ୟାଳୟ।

■ଅଡୁଆରେ ଜିଲା ଏସ୍‌ସି/ଏସ୍‌ଟି ବିଭାଗ
■ଉଚ୍ଛେଦ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ
■ପ୍ରତିବାଦ କଲେ ଅଞ୍ଚଳବାସୀ, ଉତ୍ତେଜନା

ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ ୧ ଏକର ୫୮୧ ଡେସିମିଲ ଜମି ରହିଥିଲା। ସେଥିରୁ କିଛି ସରକାରୀ ଜାଗା ବୋଲି ତତ୍କାଳୀନ ତହସିଲଦାର ଏବଂ ଆର୍‌ଆଇ ଦର୍ଶାଇଥିଲେ। ଏହା ପରେ ସେହି ଜମିର ୮୩ ଡେସିମିଲ ଜାଗାରେ ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ତେବେ ଏହାକୁ ବେଆଇନ ଦର୍ଶାଇ ପ୍ରଫୁଲ୍ଲଙ୍କ ପରିବାର ନ୍ୟାୟ ପାଇଁ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ୧୯୯୦ରେ ଉକ୍ତ ଜମି ତାଙ୍କର ବୋଲି କୋର୍ଟ ରାୟ ଶୁଣାଇଥିଲେ ଏବଂ ତାହାକୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ପ୍ରଶାସନ ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ କହି ଦିନ ଗଡ଼ାଇ ଚାଲିଥିଲା। ଏଥିରେ ନିରାଶ ହୋଇ ପ୍ରଫୁଲ୍ଲ ବଡ଼ପୁଅ ବିଭୂତି ଭୂଷଣ ପଟ୍ଟନାୟକ, ସାନପୁଅ ରାକେଶ ପଟ୍ଟନାୟକ, ସ୍ତ୍ରୀ ସରୋଜିନୀ ପଟ୍ଟନାୟକ ୨୦୦୧ରେ ଅଦାଲତର ଦ୍ୱାରସ୍ଥ ହୋଇ ଡିକ୍ରି ହାସଲ କରିଥିଲେ। ୨୦୦୬ରେ ଜିଲା ପ୍ରଶାସନ ପକ୍ଷରୁ ସମାନ ପରିମାଣର ସରକାରୀ ଜମି ଯାଉଁଳି ପୋଖରୀ ମଠ ଉତ୍ତରପାର୍ଶ୍ୱରେ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ୨୦୧୦ରେ ଜିଲା ପ୍ରଶାସନ ପକ୍ଷରୁ ପୂର୍ବ ଜାଗାକୁ ସରକାରୀ ବୋଲି ଦର୍ଶାଇ ଏକ ପିଟିସନ ଦାଏର କରାଯାଇଥିଲା। ୨୦୧୯ରେ ଅଭିଯୋଗକାରୀ ପୁଣିଥରେ ଡିକ୍ରି ପାଇଥିବାବେଳେ ୨୦୨୧ରେ ସମାନ ପରିମାଣରେ ସରକାରୀ ଜାଗା ଯୋଗାଇଦିଅ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନ ନେବାରୁ ପ୍ରଫୁଲ୍ଲଙ୍କ ପରିବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଜିଲା ପ୍ରଶାସନକୁ ଜାଗା ସମ୍ପର୍କିତ ସମ୍ପୂର୍ଣ୍ଣ ଦସ୍ତାବିଜ ମାଗିଥିବାବେଳେ ଏହାକୁ ଦାଖଲ କରାଯାଇ ନ ଥିଲା। ଏହାପରେ ୨୦୨୧ରେ ସ୍କୁଲକୁ ଉଚ୍ଛେଦ କରି ପ୍ରକୃତ ମାଲିକଙ୍କୁ ଜାଗା ପ୍ରଦାନ ପାଇଁ ହାଇକୋର୍ଟ ନୋଟିସ୍ ଜାରି କରିଥିଲେ। ସପ୍ତାହକ ତଳେ ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ନିଷ୍କର୍ଷ ବାହାରି ପାରି ନ ଥିଲା। ଏହାର ସମାଧାନ ନ ହେବାରୁ ପ୍ରଫୁଲ୍ଲଙ୍କ ପରିବାର ସଦସ୍ୟ ହାଇକୋର୍ଟ କର୍ମଚାରୀ, ପୋଲିସ ସହ ପହଞ୍ଚି ଉଚ୍ଛେଦ ପାଇଁ ପ୍ରସ୍ତୁତି ଚଳାଇଥିଲେ। ସ୍କୁଲ ଭଙ୍ଗାଯିବ ବୋଲି ସୂଚନା ପାଇ ଖମାରସାହି, କଲୋନୀ ସାହି, ବାଉଁଶପାଟଣା, ଦକ୍ଷିଣକାଳୀ, ସରଜଙ୍ଗସାହି, ଜୁଆଙ୍ଗସାହି ଅଞ୍ଚଳବାସୀ ପହଞ୍ଚି ତୀବ୍ର ବିରୋଧ କରିଥିଲେ। ଅନ୍ୟ ଉପାୟ ନ ଥିବାରୁ ଜିଲା ଏସ୍‌ସି/ଏସ୍‌ଟି ବିଭାଗ ପକ୍ଷରୁ ଏହାକୁ ନେଇ ଢେଙ୍କାନାଳ ସିଭିଲ କୋର୍ଟରେ ସମୟ ମଗାଯାଇଥିବାବେଳେ ଅଦାଲତ ମାସେ ପାଇଁ ରହିତାଦେଶ ଦେଇଛନ୍ତି।

ଏ ନେଇ ଏସ୍‌ସି/ଏସ୍‌ଟି ବିଭାଗ ତଥା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା କୁହନ୍ତି, କୌଣସି ଘରୋଇ ଜମିରେ ସରକାରୀ ଅନୁଷ୍ଠାନ କେବେ ହୋଇ ନ ଥାଏ। କିନ୍ତୁ ଏହା ବହୁ ପୁରୁଣା ସମୟର । ତେଣୁ ସେତେବେଳେ ରେକର୍ଡପତ୍ର କ'ଣ ଥିବ, ଆମେ କହିପାରିବା ନାହିଁ। ଆମ ପାଖରେ ମଧ୍ୟ କିଛି ପ୍ରମାଣ ନାହିଁ। ଅଦାଲତଙ୍କ ପକ୍ଷରୁ ମାସେ ସମୟ ଦିଆଯାଇଛି। ଏହି ସମୟସୀମା ମଧ୍ୟରେ ଅଭିଯୋଗକାରୀଙ୍କୁ ଅନ୍ୟତ୍ର ଜାଗା ପ୍ରଦାନ ନେଇ ପଦକ୍ଷେପ ନିଆଯିବ।

ଅନ୍ୟପଟେ ସ୍କୁଲ ଉଚ୍ଛେଦ ହେଲେ ସେଠାରେ ପଢୁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଆଇନଜୀବୀ ପ୍ରଦ୍ୟୁମ୍ନ ନାଏକ, ଅଶୋକ କୁମାର ମଲ୍ଲିକ କୁହନ୍ତି, ସ୍କୁଲକୁ ଉଚ୍ଛେଦ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର। କାହାକୁ ନ ପଚାରି ରାତିଅଧିଆ ଉଚ୍ଛେଦ ପାଇଁ ଉଦ୍ୟମ ହୋଇଛି। ଏହାକୁ ଆମେ ତୀବ୍ର ବିରୋଧ କରୁଛୁ। କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ଏବଂ ଜିଲା କାର୍ଯ୍ୟାଳୟ ଘେରାଉ କରାଯିବ।

## ସଂକ୍ଷେପରେ

### ଛାତ୍ର ବିଜେଡିର ନୂତନ କାର୍ଯ୍ୟକର୍ତ୍ତା

ଢେଙ୍କାନାଳ ଅଫିସ, ୨୮।୯: ଢେଙ୍କାନାଳ ଜିଲା ଛାତ୍ର ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଉକ୍ତ କମିଟିରେ ୫ ବରିଷ୍ଠ ଉପସଭାପତି, ୧୧ ଉପସଭାପତି, ୧୫ ସାଧାରଣ ସମ୍ପାଦକ, ୨୪ ସମ୍ପାଦକ, ୪ ନିର୍ବାଚନମଣ୍ଡଳୀ ସଭାପତି, ସମସ୍ତ ବ୍ଲକ, ଏନ୍‌ଏସି ଓ ପୌରାଞ୍ଚଳ ସଭାପତି, ସୋସିଆଲ ମିଡିଆ ୱିଙ୍ଗ୍ ପାଇଁ ୨ଜଣଙ୍କୁ ଚୟନ କରାଯାଇଛି। ଦଳର ନୀତିଆଦର୍ଶକୁ ବଜାୟ ରଖି ଦାୟିତ୍ୱସମ୍ପନ୍ନ କର୍ମୀଭାବେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ସମସ୍ତଙ୍କୁ ନିବେଦନ କରିଛନ୍ତି। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଜିଲା ବିଜେଡି ସଭାପତି ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି।

### ହାତୀ ଆତଙ୍କ, ଅଞ୍ଚଳବାସୀ ଭୟଭୀତ



ଭୁବନ, ୨୮।୯(ଡି.ଏନ୍.ଏ.) ଢେଙ୍କାନାଳ ଜିଲା ଭୁବନ ବ୍ଲକ ପଳାସପିଠିଆ ଏବଂ ସୁରପ୍ରତାପପୁର ଅଞ୍ଚଳରେ ବୁଧବାର ହାତୀ ଆତଙ୍କ ଦେଖାଦେଇଛି। ଷଡ଼ଙ୍ଗୀ ରେଞ୍ଜ୍‌ରୁ ଏକ ପଲରେ ୭ ହାତୀ ବ୍ରାହ୍ମଣୀ ନଦୀ ପାର୍ କରି ଚାଲିଆସିଛନ୍ତି। ସେମାନେ ଦଳବଦ୍ଧ ହୋଇ ବ୍ୟାପକ ଧାନ ଓ ଆଖୁ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ସୂଚନା ପାଇ ଭୁବନ ରେଞ୍ଜର ଅନିତା ସେଠୀଙ୍କ ନିର୍ଦ୍ଦେଶରେ ହାତୀ ସ୍କ୍ୱାଡ୍ କର୍ମଚାରୀ ହାତୀଙ୍କ ଉପରେ ନଜର ରଖିଛନ୍ତି। ରାତିରେ ଉକ୍ତ ହାତୀପଲକୁ ବ୍ରାହ୍ମଣୀ ନଦୀ ପାର କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ଅନ୍ୟପଟେ ଦୀର୍ଘଦିନ ପରେ ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଥିବାରୁ ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ଏହାର ପ୍ରତିକାର କରିବା ଲାଗି ସେମାନେ ଦାବି କରିଛନ୍ତି।

### ରେଳ ଚଳାଚଳରେ ଉପେକ୍ଷାର ପ୍ରତିବାଦ

ଢେଙ୍କାନାଳ ଅଫିସ, ୨୮।୯ ଢେଙ୍କାନାଳକୁ ରେଳ ଚଳାଚଳରେ ଉପେକ୍ଷା ପ୍ରତିବାଦରେ ଉତ୍ଫୁଲ୍ଲା ପକ୍ଷରୁ ରାଜ୍ୟ ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଦେଇ ସକାଳ ୭ଟାରୁ ସନ୍ଧ୍ୟା ୭ଟା ଯାଏ କଟକ ଯିବାକୁ କୌଣସି ରେଳ ଚଳାଚଳ କରୁନାହିଁ। ଅବିଭକ୍ତ ଢେଙ୍କାନାଳ ଜିଲାରୁ ସରକାର ସର୍ବାଧିକ ରାଜସ୍ୱ ପାଉଥିଲେ ମଧ ଉପେକ୍ଷା କରାଯାଉଛି। ଭୁବନେଶ୍ୱର-ଇନ୍ଦୋର, ସମ୍ବଲପୁର-ଶାଲିମାର ଓ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଟ୍ରେନ୍ ସପ୍ତାହକୁ ୩ଦିନ ଚଳାଚଳ କଲେ ଜିଲାବାସୀ ଉପକୃତ ହୋଇପାରିବେ। ଦାବି କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଦାବି ପୂରଣ କରିବା ଲାଗି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

### ଯଜ୍ଞେଶ୍ୱର ଏନ୍‌ଏସି ଛାତ୍ର ବିଜେଡି ସଭାପତି



କାମାକ୍ଷାନଗର, ୨୮।୯ (ଡି.ଏନ୍.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିର ଛାତ୍ର ବିଜେଡି ସଭାପତି ଭାବେ ଯୁବନେତା ଯଜ୍ଞେଶ୍ୱର ନାୟକ ବୁଧବାର ଚୟନ ହୋଇଛନ୍ତି। ଆଗାମୀ ଦିନରେ ଛାତ୍ର ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ସେ ଯଥାସାଧ ଉଦ୍ୟମ କରିବେ ବୋଲି କହିଛନ୍ତି। ତାଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିବାରୁ ଏଥିଲାଗି ସେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଜିଲାର ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଜିଲା ସାଧାରଣ ସମ୍ପାଦକ ଭାବେ ଶୁଭ୍ରାଂଶୁ ଶେଖର ସାହୁ, ସମ୍ପାଦକ ଆଶୁତୋଷ ସାହୁ ମନୋନୀତ ହୋଇଛନ୍ତି।

# ଧନଜୀବନ ସୁରକ୍ଷାକୁ ଗୁରୁତ୍ୱ ଦିଅ




ଜିଲା ଆପାତକାଳୀନ ବୈଠକ।

ଢେଙ୍କାନାଳ ଅଫିସ, ୨୮।୯

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧକ୍ଷତାରେ ଜିଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା ରୋକିବାରେ ସତର୍କତା ଅବଲମ୍ବନ କରିବା, ଦୁର୍ଘଟଣା ଘଟିଲେ ଯଥାସମ୍ଭବ ଧନଜୀବନ ହାନି କମ୍ କରିବା ଲାଗି ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ଶିଳ୍ପାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଦହନଶୀଳ ପଦାର୍ଥ ପରିବହନ ସମୟରେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯତ୍ନବାନ ହେବା, ପରିବହନ ସମ୍ପର୍କରେ ପୂର୍ବରୁ ପ୍ରଶାସନ ଓ ପୋଲିସକୁ ଅବଗତ କରାଇବା, ପାଇପ ଲାଇନ ଦ୍ୱାରା ତରଳ ଇନ୍ଧନ ଯୋଗାଣ ସମୟରେ

**ଶିଳ୍ପାନୁଷ୍ଠାନକୁ ଜିଲାପାଳଙ୍କ ନିର୍ଦ୍ଦେଶ**

ଅଘଟଣ ଘଟିଲେ ତ୍ୱରିତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା, ତୁରନ୍ତ ସତର୍କତାମୂଳକ ପଦକ୍ଷେପ ନେବା, ପ୍ରଦୂଷଣ ରୋକିବାକୁ ଜିଲାପାଳ ଶିଳ୍ପାନୁଷ୍ଠାନ ଅଧିକାରୀଙ୍କୁ କହିଛନ୍ତି। ରସାୟନିକ ଦୁର୍ଘଟଣାର ଉଚିତ ମୁକାବିଲା ନିମନ୍ତେ ବିହିତ ଯୋଗାଯୋଗ ପାଇଁ ଆପାତକାଳୀନ ବିଭାଗ ପକ୍ଷରୁ ଏକ ଟିମ୍ ପ୍ରସ୍ତୁତ ରହିବ ବୋଲି ସୂଚନା ଦିଆଯାଇଛି।

ଭୋପାଳର ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଡ. ଜର୍ଜ ଭି. ଯୋଶେଫ୍ ଦୁର୍ଘଟଣାରୁ ସୁରକ୍ଷା ସମ୍ପର୍କିତ ପୂର୍ବପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ। ଦୀର୍ଘମିଆଦୀ ନିରାପତ୍ତା ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଟାଟାଷ୍ଟିଲ ମେରାମଣ୍ଡଳୀ, ନବ ଲିମିଟେଡ୍, ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍, ଇଣ୍ଡିଆନ ଅଏଲ କର୍ପୋରେଶନ ଲମିଟେଡର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ମଧ୍ୟଦେଇ ୫୮ କିଲୋମିଟର ପାଇପ୍ ଲାଇନ ଦ୍ୱାରା ବିଭିନ୍ନ ତରଳ ଇନ୍ଧନ ପରିବହନ ସମ୍ପର୍କରେ ଓଆଇସିଏଲ ପ୍ରତିନିଧି ଅବଗତ କରାଇଥିଲେ। ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ଅନୁଗୋଳ ଡିଭିଜନ ଉପନିର୍ଦ୍ଦେଶକ ରମେଶ କୁମାର ବେହେରା, ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ଢେଙ୍କାନାଳର ଅତିରିକ୍ତ ନିର୍ଦ୍ଦେଶକ ପୁଷ୍ପମିତ୍ରା ଜେନା, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଓସଡମା କନସଲଟାଣ୍ଟ ସଙ୍ଗୀତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍‌ଲାଇନ ଜନଶୁଣାଣି

ଢେଙ୍କାନାଳ ଅଫିସ, ୨୮।୯

**ଢେଙ୍କାନାଳ ରାଜ୍ୟରେ ପ୍ରଥମ**

ଅନଲାଇନ ଜନଶୁଣାଣି ସମାଧାନରେ ଢେଙ୍କାନାଳ ଜିଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅନଲାଇନ ଜନଶୁଣାଣି ପୋର୍ଟାଲ ଆରମ୍ଭ ହେବା ଦିନରୁ ୨୦୨୨ ଅଗଷ୍ଟ ୩୧ ସୁଦ୍ଧା ମୋଟ ୩୬୦୭ ଅଭିଯୋଗ ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ୩୩୬୫ଟିର ସମାଧାନ କରାଯାଇଛି, ଯାହା ୯୩%। କେବଳ ଅଗଷ୍ଟରେ ୧୧୮ ଅଭିଯୋଗର ସମାଧାନ କରାଯାଇଥିବାବେଳେ ୨୪୨ ସମାଧାନ ଅପେକ୍ଷାରେ ରହିଛି। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଲୋକମାନଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ କରାଯାଉଛି। ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳରେ ରାସ୍ତାଘାଟ, ପାନୀୟଜଳ, ଆଲୋକୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ମା' ଶିଶୁଙ୍କ ସୁରକ୍ଷା, ମହିଳାଙ୍କ ଜୀବନ ଜୀବିକା ବିକାଶ ଦିଗରେ ଧ୍ୟାନ ଦିଆଯାଉଛି। ଜିଲାର ସମସ୍ତ ଅଧିକାରୀମାନେ ଦଳଗତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି ବୋଲି ଜିଲାପାଳ କହିଛନ୍ତି।



ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ।

## ହାତୀ ସୁରକ୍ଷା ଦାବିରେ ଆମରଣ ଅନଶନ ନିଷ୍ପତ୍ତି

ଢେଙ୍କାନାଳ ଅଫିସ, ୨୮।୯

ଢେଙ୍କାନାଳ ଜିଲାରେ ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦାବିରେ ୧୧ ଦଫା ଦାବି ନେଇ ଜୀବଜନ୍ତୁ କଲ୍ୟାଣ ଓ ଥଇଥାନ ସଙ୍ଗଠନ (ଆୱାର୍ଡ) ଆସନ୍ତା ୨ ତାରିଖରୁ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବ ବୋଲି ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଜିଲାରେ ହାତୀ-ମଣିଷ ଲଢ଼େଇ ତୀବ୍ରରୂପ ନେଲାଣି। ଏହାର ପ୍ରତିକାର କରାଯାଉନାହିଁ। ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଯୁକ୍ତିରେ ଚଞ୍ଚକତା ହେଉଛି। ଯୋଗ୍ୟ ଆଶାୟୀଙ୍କୁ ନିଯୁକ୍ତି ମିଳୁନାହିଁ ବୋଲି ରାଜେନ୍ଦ୍ର ଅଭିଯୋଗ କରିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ଠିକା ଜଗୁଆଳି ପରିବର୍ତ୍ତେ ସ୍ଥାୟୀ ନିଯୁକ୍ତି ଦେବା, ଭୂତଳ ବିଦ୍ୟୁତୀକରଣ, ହାତୀ ଚଲାପଥକୁ ଅବରୋଧ ମୁକ୍ତ କରିବା, ଏନ୍‌ଏଚ୍, ରେଳପଥ ଏବଂ କେନାଲରେ ସ୍ୱତନ୍ତ୍ର ଚଲାପଥ ନିର୍ମାଣ, ଜବରଦଖଲ ଜମିର ପୁନରୁଦ୍ଧାର, ଜଳାଶୟରେ ବିସ୍ଫୋରକ ପ୍ରୟୋଗ ନିଷିଦ୍ଧ, ସାପ ଉଦ୍ଧାର କେନ୍ଦ୍ର ସ୍ଥାପନ, ସାପ ଉଦ୍ଧାରକାରୀଙ୍କୁ ଲାଇସେନ୍ସ, ସମ୍ବେଦନଶୀଳ ସ୍ଥାନରେ ବ୍ୟାପକ ଜନସଚେତନତା, ବନ କର୍ମଚାରୀଙ୍କୁ ଚାପମୁକ୍ତ କରି ପ୍ରକୃତ କାର୍ଯ୍ୟରେ ନିୟୋଜିତ କରିବା ଆଦି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

## ଆକ୍ରମଣ ମାମଲାର ଦଣ୍ଡାଦେଶ

କାମାକ୍ଷାନଗର, ୨୮।୯(ଡି.ଏନ୍.ଏ.)

ଦୀର୍ଘ ୯ବର୍ଷ ତଳେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ମାମଲାର ରାୟ ବୁଧବାର କାମାକ୍ଷାନଗର ସହକାରୀ ଦୌରାଜଜ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ଶ୍ରଦ୍ଧାଞ୍ଜଳି ରାୟ ମାମଲାର ଶୁଣାଣି କରି ଅଭିଯୁକ୍ତ ପରଜଙ୍ଗ ଥାନା ଲୋଧଣି ଗ୍ରାମର ବେନୁଆ ନାଏକଙ୍କୁ ଏକ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ତେବେ ଅଭିଯୁକ୍ତ ଜଣେ ବୃଦ୍ଧ ହୋଇଥିବାରୁ ଏବଂ ତାଙ୍କ ନାମରେ ଅନ୍ୟ କୌଣସି ଫୌଜଦାରୀ ମାମଲା ନ ଥିବାରୁ କୋର୍ଟ ତାଙ୍କୁ ୨୦,୦୦୦ ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରେମାନନ୍ଦ ସାହୁ ମାମଲାର ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ପରଜଙ୍ଗ ଥାନା ଲୋଧଣି ଗ୍ରାମର ବେନୁଆ ଏବଂ ତାଙ୍କ ପୁଅ ସାନକୋହ୍ଲ ନାଏକ ମିଳିତ ଭାବେ ୨୦୧୩ ନଭେମ୍ବର ୧୨ରେ ଗୁଣନିଧି ନାଏକଙ୍କ ପୁଅ ପ୍ରଦୀପ ଓ ଅରୁଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଗୁଣନିଧିଙ୍କ ଅଭିଯୋଗକ୍ରମେ ନଂ. ୧୯୯/୧୩ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୭ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଆଧାରରେ କୋର୍ଟ ଏହି ରାୟ ଶୁଣାଇଥିଲେ। ପ୍ରମାଣ ଅଭାବରୁ ସାନକୋହ୍ଲ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

# ପୂଜା ପାଇଁ ପୋଲିସ ସଜାଗ

କାମାକ୍ଷାନଗର, ୨୮।୯(ଡି.ଏନ୍.ଏ.)

■୧୪ ମଣ୍ଡପରେ ମା'ଙ୍କ ଆବାହନ
■ସହଯୋଗ ଲୋଡ଼ିଲେ ଏସ୍‌ଡିପିଓ

ଗଣପର୍ବ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି କାମାକ୍ଷାନଗର ଅଞ୍ଚଳ। ଚଳିତବର୍ଷ ୧୪ ମଣ୍ଡପରେ ମା'ଙ୍କ ଆବାହନ ହେଉଥିବାବେଳେ ସଜାଗ୍ ହୋଇଉଠିଛି ପୋଲିସ ପ୍ରଶାସନ। ଦଶହରା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ସହଯୋଗ କରିବାକୁ ବୁଧବାର ଅପରାହ୍ନରେ କାମାକ୍ଷାନଗର ଥାନା ପରିସରରେ ଅନୁଷ୍ଠିତ ବୈଠକରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ ସମସ୍ତ ପୂଜାପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି।

ଚଳିତବର୍ଷ ଅଞ୍ଚଳର ଦୁର୍ଗାପୂଜା ତାଲିକାରେ ଯୋଡ଼ି ହୋଇଛି ରେଙ୍ଗୁଲା। ଫଳରେ ମେଢ଼ ସଂଖ୍ୟା ୧୪ରେ ପହଞ୍ଚିଛି। ଦୁଇବର୍ଷ ପରେ କରୋନା କଟକଣା ହଟିଥିବାବେଳେ ଏଥର ଜାକ୍‌ଜମକରେ ପୂଜା ଆୟୋଜନ କରାଯାଉଛି। ପ୍ରବଳ ଗହଳି ହେବା ସମ୍ଭାବନା ରହିଛି। ରାବଣ ପୋଡ଼ି ଏବଂ ମେଳଣ କାର୍ଯ୍ୟକ୍ରମ ନୂଆ ସ୍ଥାନରେ ହେଉଥିବାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଭସାଣି ପ୍ରସ୍ତୁତି କରିବାକୁ ଏସ୍‌ଡିପିଓ ପରାମର୍ଶ ଦେଇଛନ୍ତି। ସେହିପରି ତୀବ୍ର ସାଉଣ୍ଡ ନ ବଜାଇବା, କ୍ରମାନ୍ୱୟରେ ଶୃଙ୍ଖଳାରକ୍ଷା ପୂର୍ବକ ଭସାଣି ଶୋଭାଯାତ୍ରାରେ ଯିବା ପାଇଁ କୁହାଯାଇଛି। ରାବଣ ପୋଡ଼ି ପରେ ସମସ୍ତ ମେଢ ଅସ୍ଥାୟୀ ପୋଖରୀରେ ବିସର୍ଜନ ହେବ। ଏନ୍‌ଏସି ପକ୍ଷରୁ ଏଥିଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି। ବୈଠକରେ ଏସ୍‌ଆଇ ପ୍ରତାପ ଚନ୍ଦ୍ର ସାହୁ, ସ୍ୱର୍ଣ୍ଣପ୍ରଭା ସାହୁ, ଏଏସ୍‌ଆଇ ଜିତେନ୍ଦ୍ର ସାହୁଙ୍କ ସମେତ ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଏସ୍‌ଡିପିଓଙ୍କ ସମେତ ଅନ୍ୟମାନେ।

# ରୂପା ମୁକୁଟରେ ଝଲସିବେ ମା'



କାମାକ୍ଷାନଗର, ୨୮।୯(ଡି.ଏନ୍.ଏ.)

■୬୬ବର୍ଷରେ ଜଗନ୍ନାଥ ବଜାର
■ସାଜସଜ୍ଜା ପାଇଁ ଦିନରାତି ଏକ
■ପୂଜାରେ ଖର୍ଚ୍ଚ ହେବ ୭ ଲକ୍ଷ ଟଙ୍କା

ମା'ଙ୍କ ପାଇଁ ପ୍ରସ୍ତୁତ ହେଉଛି ମଣ୍ଡପ। ମୃଣ୍ମୟୀ ମୂର୍ତ୍ତିକୁ ଶେଷସ୍ପର୍ଶ ଦେଉଛନ୍ତି ଶିଳ୍ପୀ। ନିର୍ଦ୍ଧାରିତ ସମୟ ପୂର୍ବରୁ ସାଜସଜ୍ଜା ସାରିବାକୁ ଦିନରାତି ଏକ୍ କରିଦେଇଛନ୍ତି କାରିଗର। ଦୁଇବର୍ଷ ପରେ କଟକଣା ରହିତ ପୂଜା ହେଉଥିବାରୁ ଉତ୍ସାହ ବଢ଼ିଛି। ପ୍ରତିଯୋଗିତାମୂଳକ ପୂଜାରେ ସାମିଲ ହୋଇଥିବା କାମାକ୍ଷାନଗର ଜଗନ୍ନାଥ ବଜାର ଚଳିତବର୍ଷ କିଛି ଭିନ୍ନ କରିବାକୁ ଯାଉଛି। ଚଳିତବର୍ଷ ପ୍ରଥମ ଥର ପାଇଁ ୩ ଲକ୍ଷ ଟଙ୍କାର ରୂପା ମୁକୁଟରେ ଝଲସିବେ ମା'। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

କାମାକ୍ଷନଗର ଦୁର୍ଗାପୂଜା ଇତିହାସ ପ୍ରାୟ ୭୨ବର୍ଷ ପୁରୁଣା ହୋଇଥିବାବେଳେ ଚଳିତବର୍ଷ ୬୬ ବର୍ଷରେ ପଦାର୍ପଣ କରିଛି ଜଗନ୍ନାଥ ବଜାର। ୧୯୫୬ରେ ଛାମୁଣ୍ଡିଆରୁ ଆରମ୍ଭ ହୋଇଥିବା ମା'ଙ୍କ ଆବାହନରେ ଏବେ ଅନେକ ପରିବର୍ତ୍ତନ ହୋଇଛି। ପୂଜା ମଣ୍ଡପର ନବକଳେବର କରାଯାଇଛି। ଖର୍ଚ୍ଚ ମଧ୍ୟ ବଢ଼ିଛି। ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ହେବା ଲକ୍ଷ୍ୟରେ ଏହି ପୂଜା ପ୍ରତିଷ୍ଠାନ ପକ୍ଷରୁ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ରୂପା ମୁକୁଟ। ମୁକୁଟ ସମେତ ମୂର୍ତ୍ତିନିର୍ମାଣ, ପୂଜା, ଆଲୋକସଜ୍ଜା, ଭସାଣିରେ ମୋଟ୍ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ ହୋଇଛି। ପୂଜାରେ ଜଗନ୍ନାଥ ବଜାର ଯେପରି ୧ନଂ. ସ୍ଥାନରେ ରହିବ, ସେଥିଲାଗି ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଆପ୍ରାଣ ଉଦ୍ୟମ କରୁଛନ୍ତି।

**ଆମ ପାଇଁ ଆହ୍ୱାନ**



ଚଳିତବର୍ଷ ଯୁବଗୋଷ୍ଠୀଙ୍କୁ ପୂଜା ଦାୟିତ୍ୱ ଦିଆଯାଇଛି। ଏହା ଆମ ପାଇଁ ଏକ ଆହ୍ୱାନ। ମା'ଙ୍କ ପୂଜା ଯେପରି ଶୃଙ୍ଖଳିତ ହେବ ସେହି କାମରେ ଲାଗିପଡ଼ିଛୁ।

-ଶୁଭେନ୍ଦ୍ର ଦାସ, ସଭାପତି

**ପ୍ରଥମ ଥର ରୁପାମୁକୁଟ**



ମା'ଙ୍କ ପାଇଁ ଚଳିତବର୍ଷ ପ୍ରଥମ ଥର ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ରୂପା ମୁକୁଟ ନିର୍ମାଣ କରାଯାଇଛି। ଏଥର ମା' ଦୁର୍ଗା ରୂପା ମୁକୁଟରେ ଝଲସିବେ।

-ସରୋଜକାନ୍ତ ବେହେରା, ସମ୍ପାଦକ

**ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ**



୨ବର୍ଷ ହେଲା ଦଶହରା ପରମ୍ପରା ଭିତରେ ସୀମିତ ଥିଲା। ଚଳିତ ବର୍ଷ ପ୍ରବଳ ଭିଡ଼ ହେବାର ଆଶା କରାଯାଉଛି। ଶାନ୍ତିଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।

-ସଦାଶିବ ସେଠୀ, ସହ ସମ୍ପାଦକ

**ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**



ଜଗନ୍ନାଥ ବଜାରର ପୂଜା ସ୍ୱତନ୍ତ୍ର। ମଣ୍ଡପରେ ପ୍ରବଳ ଜନସମାଗମ ହୁଏ। ତେଣୁ ଶାନ୍ତିଶୃଙ୍ଖଳାର ସହ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

-ଗିରୀଶ ଚନ୍ଦ୍ର ସାହୁ, ସଦସ୍ୟ

**ସମସ୍ତଙ୍କ ସହଯୋଗ ଲୋଡ଼ା**



ଦୁଇବର୍ଷ ହେଲା ପୂଜା ନିରାଡମ୍ବରରେ ହେଉଥିଲା। ଚଳିତ ବର୍ଷ ଧୂମଧାମରେ ଆୟୋଜନ କରାଯାଉଛି। ଏଥିରେ ସମସ୍ତଙ୍କ ସହଯୋଗ ଲୋଡ଼ା।

-ପ୍ରତାପ ଚନ୍ଦ୍ର ସାହୁ, ସଦସ୍ୟ

